# Akashvani, Sambalpur

## SAMBALPURI NEWS EVENING BULLETIN

**18 July 2024- 7.02 pm- 7.12 pm.**

*********************************************

୧- ପୁରୀ ଶ୍ରୀମନ୍ଦିର୍ ଭିତର ରତ୍ନଭଣ୍ଡାର ଆଏଜ୍ ଫେର୍‌ଘାଏ ଖୁଲାଗଲା ।

- ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କେ ନିଆଗଲା ସବୁ ଅଳଙ୍କାର୍ ।

୨- ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁଙ୍କର୍ ଆଏଜ୍ ହେଉଛେ ଅଧରପଣା ନୀତି ।

- ଆଏବା କାଏଲ୍ ହେବା ନୀଳାଦ୍ରୀ ବିଜେ ।

୩- ଆଏବା ଶନିବାର୍ ଦିନ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାଫଳ ବାହାର୍ କର୍‌ବାର୍‌କେ ଏନ୍‌ଟିଏକେ ନିର୍ଦ୍ଦେଶ୍ ଦେଲେ ସୁପ୍ରିମ୍‌କୋର୍ଟ ।

ଆଉର୍

୪- ସମ୍ବଲପୁର୍ ରେଲ୍ ଫ୍ଲାଏଓଭର୍ ଲାଗି ୨ ଶହ ୮୮ କୋଟି ୬୧ ଲାଖ୍ ଟଙ୍କା ମଞ୍ଜୁର୍ କଲା ରେଲ୍‌ମନ୍ତ୍ରଣାଳୟ ।

ଭିତର ରତ୍ନଭଣ୍ଡାର୍ ଖୁଲ୍‌ଲା          ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ଭିତର ରତ୍ନଭଣ୍ଡାର୍ ଆଏଜ୍ ଫେର୍‌ଘାଏ ଖୁଲାଯାଇଛେ । ରତ୍ନଭଣ୍ଡାର୍ ତଦାରଖ୍ କମିଟିର୍ ସଦସ୍ୟମାନେ ସଖାଲର୍ ୯ ବାଜିକରି ୫୧ ମିନିଟ୍‌ଥି ରତ୍ନଭଣ୍ଡାର୍ ଭିତର୍‌କେ ଯାଇଥିଲେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ଭିତର୍‌କେ ସଖାଲର୍ ୮ ବଜେନୁ ସର୍ବସାଧାରଣ ଭକ୍ତଙ୍କର୍ ପ୍ରବେଶ୍ ଉପ୍‌ରେ କଟକନା ଜାରି କରାଯାଇଥିଲା । ଇ ବାବ୍‌ଦେ ସୂଚ୍‌ନା ଦେଇକରି କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ ଯେ, ପାଖାପାଖି ସାଢ଼େ ୭ ଘଂଟାର୍ ଅକ୍ଲାନ୍ତ ପରିଶ୍ରମ ଉତ୍‌ରୁ ରତ୍ନଭଣ୍ଡାର୍ ଭିତ୍‌ରୁ ସବୁ ଅଲଙ୍କାର୍‌କେ ଖଟ ଶେଜ ଘରେ ତିଆର୍ ହେଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍‌କେ ନିଆଯାଇଛେ । ଏଏସ୍‌ଆଇର ସ୍ୱତନ୍ତ୍ର ବୈଷୟିକ ଟିମ୍ ରତ୍ନଭଣ୍ଡାର୍ ଯାଂଚ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଏଏସ୍‌ଆଇର ଅନୁଧ୍ୟାନ୍ ଶେଷ୍ ହେବାର୍ ଉତ୍‌ରୁ ଭିତର ରତ୍ନଭଣ୍ଡାର ମରାମତି ନେଇକରି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଦର୍‌କାରୀ ପଦକ୍ଷେପ୍ ନିଆଯିବା ବଲି ସେ କହିଛନ୍ । ସେଆଡ଼େ ଭିତର ରତ୍ନଭଣ୍ଡାର୍ ନ ଗୁପ୍ତ ସୁଡ଼ଙ୍ଗ ବାବ୍‌ଦେ ଗଜପତି ମହାରାଜ୍ ଦିବ୍ୟସିଂହ ଦେବ କହିଛନ୍ ଯେ, ପହେଲା ସବୁ ଅଲଙ୍କାର୍ ସ୍ଥାନାନ୍ତରଣ ହେବା ଆର୍ ଏଏସ୍‌ଆଇର ଯାଂଚ୍ ଉତ୍‌ରୁ ଭିତର ରତ୍ନଭଣ୍ଡାର୍‌ଥି ଗୁପ୍ତ ସୁଡ଼ଙ୍ଗ ରହିଛେ କି ନାଇଁ ସେଟା ସ୍ୱଷ୍ଟ ହେବା । ସେ କହିଛନ୍..

(ଭଏସ୍ ଓଭର୍- ଗଜପତି ମହାରାଜା)

ଇନ ଜନେଇ ଦିଆଯାଇପାରେ ଯେ, ଦୀର୍ଘ ୪୬ ବଛର୍ ଉତ୍‌ରୁ ଗଲା ୧୪ ତାରିଖ୍ ଦିନ ବାହାର ଆର୍ ଭିତର ରତ୍ନଭଣ୍ଡାର୍ ଖୁଲାଯାଇଥିଲା ।

ଅଧରପଣା ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଦ୍ୱାଦଶୀ ତିଥିଥି ରଥେ ବିରାଜ୍‌ମାନ୍ କରୁଥିବା ମାହାପୁରୁମାନ୍‌କୁ ଅଧରପଣା ନୀତି କରାଯାଉଛେ । ମଧ୍ୟାହ୍ନ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ଶ୍ରୀଜୀଉମାନ୍‌କର୍ ଅଧର୍ ଉଚା ହାଁଡ଼ିକେ ରଥ୍ ଉପ୍‌ରେ ଇ ସ୍ୱତନ୍ତ୍ର ପଣା ଭୋଗ କରାଯିବାର୍ ସହେତେ ଇଟାକେ ଭଙ୍ଗାଯିବାର୍ ବିଧି ରହିଛେ । ତିନ୍‌ହି ମାହାପୁରୁଙ୍କର୍ ଠାନେ ୯ ଟା ମାଟି ହାଁଡ଼ିଥି ଅଧରପଣା ଲାଗି ହେବା । ଭୋଗ ଉତାରୁ ହାଁଡ଼ିମାନ୍‌କେ ଭାଙ୍ଗିକରି ଚଣ୍ଡି ଚାମୁଣ୍ଡା, ଅଶରୀରୀଙ୍କର୍ ଉଦ୍ଦେଶ୍ୟଥି ଇ ପଣାକେ ଉତ୍ସର୍ଗ କରାଯିବାର୍ ବିଧି ରହିଛେ । ଇ ନୀତିକେ ସୁରୁଖୁରୁଥି ସାର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ଧାରିଜ୍ କାର୍ଯ୍ୟସୂଚୀ ଅନ୍‌ସାରେ ରାତି ୮ ବଜେତକ୍ ଅଧରପଣା ନୀତି ଶେଷ୍ ହେବା । ରାତି ୯ ବଜେ ମହାସ୍ନାନ ଆର୍ ୧୦ ବଜେ ଶ୍ରୀଜୀଉଙ୍କର୍ ମଇଲମ ଆର୍ ବେଶ ଅନୁଷ୍ଠିତ ହେଇକରି ସନ୍ଧ୍ୟା ଆଳତୀ କରାଯିବା । ରଥ ଉପ୍‌ରେ ମାହାପୁରୁମାନ୍‌କୁ ଦର୍ଶନ୍ କର୍‌ବାର୍ ଲାଗି ଆଏଜ୍ ଭିଲ୍ ପୁରୀ

ନ ବହୁତ୍ଟେ ଭିଡ଼୍ ହେଇଛେ । ସେଆଡ଼େ ଆଏବା କାଏଲ୍ ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେବା ।

ସ୍ନାତକୋତର ପାଠ୍ୟକ୍ରମ୍ ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ଇ ଶିକ୍ଷା ବଛର୍ ସ୍ନାତକୋତର ପାଠ୍ୟକ୍ରମ୍‌ଥି ୩ ନମ୍ବର୍ ଖେପ୍ ନାଁଲେଖା ଆଏଜ୍‌ଠାନୁ ମୁଲ୍ ହେଇଛେ । ଛୁଟି ଦିନ୍ ଛଡ଼ା ଆଏବା ୨୨ ତାରିଖ୍‌ତକ୍ ଇ ପ୍ରକ୍ରିୟା ଜାରି ରହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ୩ ନମ୍ବର୍ ଖେପ୍ ନାଁଲେଖା ଲାଗି ମୋଟ୍ ୪୪ ହଜାର୍ ୬୦ ଝନ୍ ଛାତ୍ରଛାତ୍ରୀ ମନୋନୀତ୍ ହେଇଛନ୍ ।

ଆହାର-ନଗର୍ ଉନ୍ନୟନ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆହାର ଯୋଜ୍‌ନା ବନ୍ଦ୍ ନାଇଁ ହୁଏ ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍‌ର କେପିଟାଲ୍ ହସ୍ପିଟାଲ୍ ଅଚାନକ୍ ଯାଇକରି ଆହାର କେନ୍ଦ୍ର ବାବ୍‌ଦେ ଲୋକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ଉତ୍‌ରୁ ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କୁ ସୂଚନା ଦେଇକରି କହିଛନ୍ ଯେ, ଆହାର୍‌ର ନାଁ ବଦ୍‌ଲାଯିବାର୍ ବାବ୍‌ଦେ ପଛେ

ସମୀକ୍ଷା କରାଯିବା । ରାଜ୍ୟ ସର୍କାର୍ ଗରିବ୍ ଲୋକ୍‌ମାନ୍‌କୁ ପୁଷ୍ଟିକର ଖାଦ୍ୟ ଯୁଗାବାର୍ ଲାଗି ଆହାର୍ କେନ୍ଦ୍ରମାନ୍‌କେ ଖାଦ୍ୟ ଦଉଛନ୍ । ସେବା ମନୋଭାବ ରଖିକରି ଖାଦ୍ୟ ବାଂଟ୍‌ବାର୍‌କେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ନିଟ୍ - ୟୁଜି -ସୁପ୍ରିମ୍‌କୋର୍ଟ ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟ ନ ଆଏଜ୍ ନିଟ୍ - ୟୁଜି ପ୍ରବେଶିକା ପରୀକ୍ଷାଥି ଅନିୟମିତା ମାମ୍‌ଲାର୍ ଆବେଦନ୍‌ମାନ୍‌କର୍ ଶୁଣାଣି ହେଇଛେ । ସର୍ବୋଚ୍ଚ ନ୍ୟାୟାଳୟ ଆଏବା ୨୦ ତାରିଖ୍ ଶନିବାର୍ ଦିନ ୧୨ ବଜେତକ୍ ନିଟ୍ - ୟୁଜି ପ୍ରବେଶିକା ପରୀକ୍ଷାଫଳ ୱେବ୍‌ସାଇଟ୍‌ଥି ବାହାର୍ କର୍‌ବାର୍ ଲାଗି ଜାତୀୟ ପରୀକ୍ଷଣ ସଂସ୍ଥା- ଏନ୍‌ଟିଏକେ ନିର୍ଦ୍ଦେଶ୍ ଦେଇଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଆର୍ ଜଷ୍ଟିସ୍ ମନୋଜ୍ ମିଶ୍ରାଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଇ ବାବଦ୍ ୪୦ ଟା ନୁ ଅଏତ୍‌କା ମାମ୍‌ଲାର୍ ଏକାସାଙ୍ଗେ ଶୁଣାଣି କରିକରି ଇ ନିର୍ଦ୍ଦେଶ୍ ଦେଇଛନ୍ । ସହର୍‌ୱାରୀ ଆର୍ ପରୀକ୍ଷା କେନ୍ଦ୍ର ୱାରୀ ପରୀକ୍ଷା ଫଳ ବାହାର୍ କର୍‌ବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଇ ମାମ୍‌ଲାଥି ସିବିଆଇ ତଦନ୍ତ ଜାରି ରହିଛେ ।

ସୁପ୍ରିମ୍‌କୋର୍ଟ ଗଲା ୧୧ ତାରିଖ୍ ଦିନ ଇ ମାମ୍‌ଲାର୍ ଶୁଣାଣି କରିକରି ସବୁ ପକ୍ଷକେ ସତ୍ୟପାଠ ଦାଖଲ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ସମ୍ବଲପୁର-ରେଲ୍‌ୱେ ଫ୍ଲାଇସଭର୍ ସମ୍ବଲପୁର ସମ୍ବାଦଦାତା

ପ୍ରସ୍ତାବିତ୍ ସମ୍ବଲ୍‌ପୁର୍ ରେଲ୍ ଫ୍ଲାଏଓଭର୍ ପ୍ରକଳ୍ପ ଲାଗି ରେଲ୍ ମନ୍ତ୍ରଣାଳୟ ତର୍‌ଫୁ ୨ ଶହ ୮୮ କୋଟି ୬୧ ଲାଖ୍ ଟଙ୍କା ମଞ୍ଜୁର୍ କରାଯାଇଛେ । ଇତାକେ ନେଇକରି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚନା ମିଲିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ନୁ ସମ୍ବଲ୍‌ପୁର୍ ସିଟି ରେଲ୍‌ଷ୍ଟେସନ୍ ଭିତ୍‌ରେ ୮ ଦଶ୍‌ମିକ୍ ୧ କିଲୋମିଟର୍ ଲମ୍ବାର ଇ ଫ୍ଲାଏଓଭର୍ ତିଆର୍ କରାଯିବା । ଇ ଫ୍ଲାଏଓଭର୍ ସମ୍ବଲ୍‌ପୁର୍‌କେ ଆସୁଥିବା ଟ୍ରେନ୍ ମାନ୍‌କର୍ ଚଲାଚଲ୍‌କେ ସହଜ୍ କର୍‌ବା । ଇଥିର୍‌ଲାଗି ଟିଟିଲାଗଡ୍, ଝାର୍‌ସୁଗୁଡ଼ା ଆର୍ ଭୁବ୍‌ନେଶ୍ୱର୍ ଆଡ଼େ ଯା’ଆସ୍ କରୁଥିବା ଯାତ୍ରୀବାହୀ ଟ୍ରେନ୍ ଚଲାଚଲ୍‌ର ମାନ ବଢ଼୍‌ବା ବଲି ରେଲ୍‌ବାଇ ତର୍‌ଫୁ କୁହାଯାଇଛେ ।

ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥର ସମ୍ପ୍ରସାରଣ/ଆର୍‌ଏନ୍‌ୟୁ/ସମ୍ବଲପୁର

ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥର ସମ୍ପ୍ରସାରଣ୍ ଲାଗି ଜମି ଅଧିଗ୍ରହଣ୍ ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ଅଧକ୍ଷତା କରିଥିଲେ । ସମୀକ୍ଷା ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥର ଲମ୍ବା ୩ ଶହ ୧ କିଲୋମିଟର୍ ହେଇଥିବାର୍ ବେଲେ ଇତାର୍ ଭିତ୍‌ରୁ ଶହେ ୮୩ କିଲୋମିଟର୍ ରେଲ୍‌ଲାଇନ୍ କାମ୍ ସରିଛେ । ଏଛେନ୍ ଖାଲି ୩ କିଲୋମିଟର୍ ୮ ଶହ ମିଟର୍ ଜମି ଅଧିଗ୍ରହଣ୍ କର୍‌ବାର୍‌ଥି ସମସ୍ୟା ରହିଛେ । ନୟାଗଡ଼୍ ଜିଲ୍ଲା ନ ୩ ଦଶ୍‌ମିକ୍ ୧ କିଲୋମିଟର୍ ଆର୍ ବୌଦ୍ଧ ଜିଲ୍ଲା ନ ୭ ଶହ ମିଟର୍ ଜମି ଅଧିଗ୍ରହଣ ବାକି ରହିଛେ । ଇ ଜମି ଅଧିଗ୍ରହଣ୍‌ଥି ଥିବା ସମସ୍ୟା ଆଏବା ୧୫ ଦିନ୍ ଭିତ୍‌ରେ ସମାଧାନ୍ କରିକରି ରେଲ୍‌ଲାଇନ୍ ତିଆରି କାମ୍ ଆଗ୍‌କେ ନେବାର୍‌କେ ଶ୍ରୀ ସାହୁ ନୟାଗଡ଼ ଆର୍ ବୌଦ୍ଧ ଜିଲ୍ଲାପାଲ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବିଜେପି କାର୍ଯ୍ୟକାରିଣୀ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ବିଜେପିର ୨ ଦିନିଆ କାର୍ଯ୍ୟକାରିଣୀ ବୈଠକ୍ ଆଏବା କାଏଲ୍ ପୁରୀ ନ ହେବା । ବୈଠକ୍‌ଥି ରାଜ୍ୟ ବିଜେପିର ସବୁ

ନେତୃବୃନ୍ଦ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇଥି ସବୁ ସାଂସଦ୍, ବିଧାୟକ୍ ସହେତେ ପ୍ରଭାରୀ ମାନେ ଯୋଗ୍ ଦେବେ । ଇ କାର୍ଯ୍ୟକ୍ରମ୍ଥି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯୋଗ୍ ଦେଇକରି ଦଳର୍ ସାଂଗଠନିକ ସ୍ଥିତି ଆର୍ ରାଏଜେ ଉନ୍ନତିମୂଳକ୍ କାର୍ଯ୍ୟକ୍ରମ୍କେ ନେଇକରି ଆଲୋଚନା କର୍‌ବେ ।

ଉପମୁଖ୍ୟମନ୍ତ୍ରୀ ସୂଚନା ଲୋକସମ୍ପର୍କ ବିଭାଗ୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ୍ ମୋଡ଼୍ଥି ଅପପୁଷ୍ଟି ଦୂର୍ କର୍‌ବାର୍ ଲକ୍ଷ୍ୟଥି ସାମିଲ୍ ହେବାର୍ ଲାଗି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍‌ର ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ଶ୍ରୀମତୀ ପରିଡ଼ା ଯୋଗ୍ ଦେଇକରି ରାଜ୍ୟର୍ ତୀବ୍ର ପୁଷ୍ଟିହୀନତା ଜିଲ୍ଲାମାନ୍‌କର୍ ଉପ୍‌ରେ ଖାସ୍ ଧିଆନ୍ ଦେଇକରି ସେମାନ୍‌କେ ପୁଷ୍ଟିହୀନତା ମୁକ୍ତ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ୍‌ଥି ଯାଇକରି ଖାଦ୍ୟ ସାମଗ୍ରୀର୍ ଗୁଣବତା ନିୟମିତ ଭାବେ ଯାଂଚ୍ କର୍‌ବେ । ଇତାର୍ ସହେତେ ଅଙ୍ଗନବାଡ଼ି କର୍ମୀ ଆର୍ ସହାୟିକା ମାନ୍‌କୁ ନିୟମିତ ତାଲିମ୍ ଦେବେ । ସେନ୍ତା ଛୁଆମାନ୍‌କୁ ଫାଷ୍ଟ୍‌ଫୁଡ଼୍ ଦେବାର୍ ବଦ୍‌ଲା

ପୁଷ୍ଟିକର ଖାଦ୍ୟ ଦେବାର୍ ବିଷେ ସଚେତନ୍ କର୍ବାର୍ ଉପ୍ରେ ବୈଠକ୍ଥି ଜୋର୍ ଦିଆଯାଇଥିଲା ।

କନ୍ଧମାଲ୍ ସାଂସଦ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀ ଆଏଜ୍ ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ ସମ୍ମିଲନୀ କକ୍ଷଥି ଭିନ୍ ଭିନ୍ ବିଭାଗ୍ ଆର୍ ଜିଲ୍ଲାର୍ ଉନ୍ନୟନ୍ କାର୍ଯ୍ୟର୍ ସମୀକ୍ଷା କରିଛନ୍ । ଭିନ୍ ଭିନ୍ ବିଭାଗ୍ ତର୍ଫୁ ଚାଲିଥିବାର୍ କାମ୍ମାନ୍କୁ ଜଲ୍ଦି ଆର୍ ଧାରିଜ୍ ସମିଆଥି ସାର୍ବାର୍କେ ସାଂସଦ୍ ଶ୍ରୀ ପାଣିଗ୍ରାହୀ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଥିଲେ । ଇତାର୍ସହେତେ ନୂଆଁ ପ୍ରସ୍ତାବ୍ ଦେବାର୍ ସହେତେ କେନ୍ଦ୍ର ଆର୍ ରାଜ୍ୟ ସର୍କାର୍ଙ୍କର୍ ନିର୍ବାଚନ୍ ପ୍ରତିଶ୍ରୁତି ଆର୍ ଜନହିତକାରୀ ଯୋଜ୍ନାମାନ୍କର୍ ସଫଲ୍ ରୂପାୟନ୍ ଲାଗି ତତ୍ପର୍ ହେଇକରି କାମ୍ କର୍ବାର୍କେ ସେ ପରାମର୍ଶ ଦେଇଥିଲେ ।